# ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

୨୬ ତମ ସ୍ୱତନ୍ତ୍ର ଅଧିବେଶନର ବିବରଣୀ

ସଂ - ୪୨୩୦ ତା ୦୧-୦୮-୧୩ ରିଖ

ତା ୩୧.୭.୧୩ରିଖ
ସ୍ଥାନ - ସମ୍ମିଳନୀ କକ୍ଷ
ସମୟ - ଅପରାହ୍ଣ ଘ ୩.୦୦ଟିକା

ଅଦ୍ୟ ତା ୩୧.୭.୧୩ ରିଖ ଅପରାହ୍ଣ ଘ.୩.୦୦ଟିକା ସମୟରେ ପାରାଦ୍ୱୀପ ପୌର ପରିଷଦର ୨୬ତମ ସ୍ୱତନ୍ତ୍ର ଅଧିବେଶନ ଅଧକ୍ଷା ମଞ୍ଜୁଲତା ଜେନାଙ୍କ ପୌରୋହିତ୍ୟରେ ପରିଷଦର ସମ୍ମିଳନୀ କକ୍ଷରେ ନିମ୍ନଲିଖିତ ସଭ୍ୟ/ ସଭ୍ୟାମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା ।

| | | |
|---|---|---|
| ୧. | ଶ୍ରୀଯୁକ୍ତ ବିଷ୍ଣୁ ଚରଣ ମୁଦୁଲି, | ମାନ୍ୟବର ସାଂସଦ, ଜଗତ୍‌ସିଂହପୁରଙ୍କ ପ୍ରତିନିଧି |
| ୨. | ଶ୍ରୀଯୁକ୍ତ ନରେଶ ସାହୁ | ପାରିଷଦ ୱାର୍ଡ ନଂ ୧ |
| ୩. | ଶ୍ରୀମତୀ ଅମ୍ବିକା ପ୍ରଧାନ | ପାରିଷଦ ୱାର୍ଡ ନଂ ୨ |
| ୪. | ଶ୍ରୀଯୁକ୍ତ ଦେବେନ୍ଦ୍ର ମୁଣ୍ଡା | ପାରିଷଦ ୱାର୍ଡ ନଂ ୬ |
| ୫. | ଶ୍ରୀଯୁକ୍ତ ଅଜୟ କୁମାର ନାୟକ | ପାରିଷଦ ୱାର୍ଡ ନଂ ୮ |
| ୬. | ଶ୍ରୀଯୁକ୍ତ ଅଲରାନାଥ ରଣହାନ୍ଦୋଳ | ପାରିଷଦ ୱାର୍ଡ ନଂ ୯ |
| ୭. | ଶ୍ରୀମତୀ ଚପଳା ସ୍ୱାଇଁ | ପାରିଷଦ ୱାର୍ଡ ନଂ ୧୦ |
| ୮. | ଶ୍ରୀମତୀ ମାନସି ଜେନା | ପାରିଷଦ ୱାର୍ଡ ନଂ ୧୨ |
| ୯. | ଶ୍ରୀଯୁକ୍ତ ଝାଡେଶ୍ୱର ମାନ୍ନା | ପାରିଷଦ ୱାର୍ଡ ନଂ ୧୩ |
| ୧୦. | ଶ୍ରୀଯୁକ୍ତ ଦିଲ୍ଲିପ କୁମାର ଦାସ | ପାରିଷଦ ୱାର୍ଡ ନଂ ୧୪ |
| ୧୧. | ଶ୍ରୀମତୀ ଅଞ୍ଜନା ରାଉତରାୟ | ପାରିଷଦ ୱାର୍ଡ ନଂ ୧୬ |

ଅଧିବେଶନ ପ୍ରାରମ୍ଭରେ ଅଧକ୍ଷା ମହୋଦୟା, ଗୃହରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ/ସଭ୍ୟା ଓ ପଦାଧିକାରୀ ମାନଙ୍କୁ ସ୍ୱାଗତ ଜଣାଇ ଥିଲେ ଓ ପରେ କାର୍ଯ୍ୟସୂଚୀ ଅନୁଯାୟୀ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

**କାର୍ଯ୍ୟସୂଚୀ ନଂ ୧ -ଆସନ୍ତା ସ୍ୱାୟତ୍ତ ଶାସନ ଦିବସ-୨୦୧୩ ଉପରେ ଆଲୋଚନା :-**

ଅଧକ୍ଷା ମହୋଦୟା କାର୍ଯ୍ୟ ସୂଚୀ ଅନୁଯାୟୀ ଆସନ୍ତା ତା୩୧.୮.୨୦୧୩ରିଖ ସ୍ୱାୟତ୍ତ ଶାସନ ଦିବସ ଉପରେ ଆଲୋଚନା କରିବା ପାଇଁ ଗୃହରେ ପ୍ରସ୍ତାବ ରଖିଥିଲେ । ଏଥିରେ ଭାଗନେଇ ଶ୍ରୀ ବିଷ୍ଣୁ ଚରଣ ମୁଦୁଲି ମାନ୍ୟବର ସାଂସଦ, ଜଗତସିଂହପୁରଙ୍କ ପ୍ରତିନିଧି ଗୃହକୁ ଜଣାଇଥିଲେ ଯେ, ଉକ୍ତ ଦିନଟି ରାଜ୍ୟରେ ଥିବା ସମସ୍ତ ପୌର ନିଗମ, ପୌର ପରିଷଦ ଓ ବିଜ୍ଞାପିତ ଅଂଚଳ ପରିଷଦ ମାନଙ୍କ ପାଇଁ ଏକ ସ୍ମରଣୀୟ ଦିବସ । ଏହାକୁ ସରସ ସୁନ୍ଦର ଭାବରେ ପାଳନ କରିବା ପାଇଁ ସମସ୍ତ ପୌର କର୍ମଚାରୀ ଓ ତତ୍ ସହିତ ଏଥିରେ ସଂଶ୍ଳିଷ୍ଟ ଥିବା ପାରିଷଦ ମାନଙ୍କର ପ୍ରଧାନ କର୍ତ୍ତବ୍ୟ । ପରନ୍ତୁ ସହରକୁ ସରସ ସୁନ୍ଦର କରିବା ପାଇଁ ଏକ ସପ୍ତାହ ପୂର୍ବରୁ ପରିମଳ ବ୍ୟବସ୍ଥାକୁ ବ୍ୟାପକ କରାଯାଉ । ଏଥିରେ ଭାଗନେଇ ପାରିଷଦ ଶ୍ରୀମତୀ ଚପଳା ସ୍ୱାଇଁ କହିଥିଲେ ଯେ, ପୂର୍ବ ବର୍ଷ ଭଳି ଛୋଟ ସ୍କୁଲ ପିଲା ମାନଙ୍କ ମଧ୍ୟରେ ରଚନା,ବକ୍ତୃତା, ଗୀତ ଓ ଚିତ୍ରାଙ୍କନ ମାନ ପ୍ରତିଯୋଗୀତା କରାଯାଇ ପରିଷଦ ତରଫରୁ କୃତି ପିଲାମାନଙ୍କୁ ଆକର୍ଷଣୀୟ ପୁରସ୍କାର ଦେବାପାଇଁ ପ୍ରସ୍ତାବ ରଖିଥିଲେ । ଏଥିରେ ଅଂଶ ଗ୍ରହଣ କରି ପାରିଷଦ ଶ୍ରୀଯୁକ୍ତ ଅଲାରନାଥ ରଣହାନ୍ଦୋଳ ଉକ୍ତ ଦିବସ ଟିକୁ ପୂର୍ବପରି ସରସ ସୁନ୍ଦର କରିବା ପାଇଁ ମତ ରଖିଥିଲେ । ଏହା ଉପରେ ବିଶଦ ଭାବରେ ଆଲୋଚନା କରାଯାଇ ଯଥାରିତ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲେ ।

(ଖ) ପାରିଷଦମାନଙ୍କ ଦ୍ଵାରା ଦିଆଯାଇଥିବା ପ୍ରକଳ୍ପ ତାଲିକା ଗୁଡିକ ନିମ୍ନମତେ କାର୍ଯ୍ୟକରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ପ୍ରକଳ୍ପ ତାଲିକା

୧. ୱାର୍ଡ ନଂ ୨ ଅମ୍ବିକା ସ୍କୁଲ ଠାରୁ ଭଗବାନ ଦାସ ଘର ଠାରୁ ଫାଣ୍ଡି ପର୍ଯ୍ୟନ୍ତ କଂକ୍ରିଟ ବିମ ଦିଆଯାଇ ରାସ୍ତା ଓ ଡ୍ରେନ ମରାମତି ।

୨. ୱାର୍ଡ ନଂ ୨ (କ) ଶଙ୍କର ରାଉତ ଘର ଠାରୁ ଅକ୍ଷୟ ସାହୁ ଘର ଏବଂ (ଖ) ରଘୁନାଥ ଘର ଠାରୁ କୈଳାଶ ଘର ଓ ଅମ୍ବିକା ସ୍କୁଲ ପାଖରେ କଂକ୍ରିଟ ରାସ୍ତା ଓ ଡ୍ରେନ ନିର୍ମାଣ ।

୩. ୱାର୍ଡ ନଂ ୩ ଲକପଡା ଠାରେ ଏକ ଶୌଚାଳନ ନିର୍ମାଣ ।

୪. ୱାର୍ଡ ନଂ ୩ ଶୁଖୁଆଖଳା ଠାରେ ଏକ ଶୌଚାଳନ ନିର୍ମାଣ ।

୫. ୱାର୍ଡ ନଂ ୩ ଚକ୍ରଧର ମଲ୍ଲିକ ଘର (କେନାଲ ସାଇଡ) ନିକଟରେ ପିଣ୍ଡର ମରାମତି ।

୬ ୱାର୍ଡ ନଂ ୩ ଲକ୍ ବ୍ରିଜ ଠାରୁ ଭାସ୍କର ପଲାଇ ଘର ପର୍ଯ୍ୟନ୍ତ ଇଲେକ୍ଟ୍ରିକ୍ କରଣ ।

୭ ୱାର୍ଡ ନଂ ୩ ଲକ୍ ବ୍ରିଜ ଠାରୁ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ମରାମତି ।

୮ ୱାର୍ଡ ନଂ ୩ ଲକ୍‌ପଡା ମାର୍କେଟ ଦୁଇ ପାଖ ଢଳେଇ କରଣ ।

୯ ୱାର୍ଡ ନଂ ୩ ତଳପଡା ମନସା ମନ୍ଦିରର ୨ପାଖ ରାସ୍ତା ଢଳେଇ ।

୧୦ ୱାର୍ଡ ନଂ ୩ ଶିତଳା ମନ୍ଦିର ପାଖ ଢଳେଇ କରଣ ।

୧୧ ପରିଷଦ ଦ୍ଵାରା ନିର୍ମାଣ କରାଯାଉଥିବା ଗୋଷ୍ଠୀ ଉନ୍ନୟନ କେନ୍ଦ୍ର ଗୁଡିକର ଚେୟାର ଟେବୁଲ ପଡିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା ।

୧୨ ୱାର୍ଡ ନଂ ୪ ଉଦୟବଟ ଠାରେ ଏକ ଶୌଚାଳନ ନିର୍ମାଣ ।

୧୩ ୱାର୍ଡ ନଂ ୫ ବାଲିଝରା ଆପ୍ରୋଚ ରୋଡର ବ୍ରିଜ୍‌ର ଦୁଇ ପଟରେ ମୋରମ ରାସ୍ତା ନିର୍ମାଣ ।

୧୪ ୱାର୍ଡ ନଂ ୬ ପୋର୍ଟ କଲୋନୀ ଅଠରବାଙ୍କୀ ଠାରେ ଏକ ଶୌଚାଳନ ନିର୍ମାଣ ।

୧୫ ୱାର୍ଡ ନଂ ୮ ବଗଳାମୁଖୀ ଠାକୁର ମଣ୍ଡପ ପାଖ ଢଳେଇ କରଣ ।

୧୬ ୱାର୍ଡ ନଂ ୧୩ ବଙ୍ଗାଳିପଡା ଶ୍ମଶାନର ପ୍ରାଚିର ମରାମତି ।

୧୭. ୱାର୍ଡ ନଂ ୧୩ ବଙ୍ଗାଳିପଡା ଶ୍ମଶାନର ବାଲି ଫିଲିଙ୍ଗ ।

୧୮. ୱାର୍ଡ ନଂ ୧୩ ବଙ୍ଗାଳିପଡା ଶ୍ମଶାନର ଗୃହ ନିର୍ମାଣ ।

୧୯. ୱାର୍ଡ ନଂ ୧୪ ସଂଜୟଗାନ୍ଧୀ ସ୍କୁଲ ନିକଟରେ ଏକ ସୁଲଭ ଶୌଚାଳନ ନିର୍ମାଣ ।

୨୦. ୱାର୍ଡ ନଂ ୧୬ ତେଲୁଗୁ ବସ୍ତି ନୁଆବଜାର ଠାରେ ଏକ ସୁଲଭ ଶୌଚାଳୟ ନିର୍ମାଣ ।

୨୧. ସବଷ୍ଟେସନ ଟର୍ମିନାଲ ପାଖରେ ସୁଲଭ ଶୌଚାଳୟ ନିର୍ମାଣ ।

**କାର୍ଯ୍ୟସୂଚୀ ନଂ ୨ -ବାଲିଝରା ୱାର୍ଡ ନଂ ୫ର ଗୋଷ୍ଠୀ ଉନ୍ନୟନ କେନ୍ଦ୍ର ନିର୍ମାଣ ସଂପର୍କରେ ଆଲୋଚନା:-**

ଅଧକ୍ଷା ମହୋଦୟା ପାରାଦ୍ଵୀପ ପୌର ପରିଷଦ ସୀମା ସଂଲଗ୍ନ ୱାର୍ଡ ନଂ ୫ର ବାଲିଝରା ଠାରେ ପରିଷଦ ତରଫରୁ ନିର୍ମାଣାଧୀନ ଗୋଷ୍ଠୀ ଉନ୍ନୟନ କେନ୍ଦ୍ର ଉପରେ ଆଲୋଚନା କରିବା ପାଇଁ ଗୃହରେ ପ୍ରସ୍ତାବ ରଖିଥିଲେ । ତତ୍ ସହିତ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ଵାରା ଏହାକୁ ବନ୍ଦ ଓ ବିରୋଧ ହେବାରୁ ଉକ୍ତ କାର୍ଯ୍ୟରେ ବ୍ୟାଘାତ ହେତୁ ଏହା ଉପରେ ଗୃହକୁ ବିଷଦ ତଥ୍ୟ ଦେବାପାଇଁ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ଉତ୍ତରରେ ନିର୍ବାହୀ ଅଧିକାରୀ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ଵାରା ନିଆଯାଇଥିବା ପଦକ୍ଷେପ ଉପରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗୃହକୁ ଅବଗତ କରାଇଥିଲେ । ବର୍ତ୍ତମାନ ସହରରେ ଦେଖାଦେଇଥିବା ଡେଙ୍ଗୁ, ମେଲେରିଆ ଏବଂ ଡାୟାରିଆ ଭଳି ସଂକ୍ରାମକ ରୋଗ ସମ୍ବନ୍ଧରେ ବସ୍ତି ବାସିନ୍ଦା ମାନଙ୍କୁ ସତର୍କ କରିବା ତଥା

ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ଶିବିର କରିବା ଏକାନ୍ତ ଆବଶ୍ୟକ । ଏତଦ୍ ବ୍ୟତିତ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକର ନିଜସ୍ୱ ଗୃହ ନାହିଁ । ତେଣୁ ବସ୍ତି ଅଂଚଳରେ ରହୁଥିବା ଛୋଟଛୋଟ ପିଲାମାନଙ୍କର ଶିକ୍ଷାଦାନରେ ବ୍ୟାଘାତ ଘଟୁଛି । ଏ ସବୁ ବିଷୟକୁ ବିଚାରକୁ ନେଇ ପରିଷଦ ସମସ୍ତ ୱାର୍ଡରେ ବସ୍ତି ବାସିନ୍ଦା ମାନଙ୍କ ପାଇଁ ପରିଷଦର ନିଜସ୍ୱ ଅର୍ଥରାଶିରୁ ଗୋଷ୍ଠି ଉନ୍ନୟନ କେନ୍ଦ୍ର କରାଯିବା ପାଇଁ ନିଷ୍ପତ୍ତି ନେଇଛି । କିନ୍ତୁ ବାଲିଝରା ଠାରେ ଉକ୍ତ ଗୋଷ୍ଠୀ ଉନ୍ନୟନ କେନ୍ଦ୍ର ନିର୍ମାଣାଧିନ ଥିବା ସମୟରେ ଗତ ତା.୨୩.୭.୧୩ ରିଖ ଦିନ ପାରାଦ୍ୱୀପ ବନ୍ଦର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସି.ଆଇ.ଏସ୍ ଏଫ୍ କମାଣ୍ଡାଣ୍ଟ ତାଙ୍କର ଫୋର୍ସ, ଫାୟାର ବିଗ୍ରେଡ ଏବଂ ସ୍କ୍ୱାର୍ଡ ଟିମ୍ ସହିତ ବାଲିଝରା ଠାରେ ସକାଳ ଘ୧୦.୦୦ଟିକା ସମୟରେ ପହଞ୍ଚି କାର୍ଯ୍ୟାଦେଶ ପାଇଥିବା ଠିକାଦାର ଏବଂ ବସ୍ତି ବାସିନ୍ଦାଙ୍କୁ ଭୟଭୀତ କରିକାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ସମସ୍ତ ବସ୍ତି ବାସିନ୍ଦା ମାନେ ଏଥିରେ ଭୟଭୀତ ହୋଇ ଲିଖିତ ଭାବେ ଜଣାଇଥିଲେ । ଏଥି ସହିତ ପୌର ଅଧିକାରୀଙ୍କ ନାମରେ ପାରାଦ୍ୱୀପ ଥାନାରେ ବନ୍ଦର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ରେ ସଚିବଙ୍କ ଦ୍ୱାରା ତା ୨୩.୭.୧୩ରିଖ ସନ୍ଧ୍ୟାରେ ଥାନାରେ ମିଥ୍ୟା ଏତେଲା ଦିଆଯାଇ ଅଛି । ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଏଭଳି କାର୍ଯ୍ୟପାଇଁ ନିର୍ବାହୀ ଅଧିକାରୀ, ଅଧକ୍ଷାଙ୍କ ଅନୁମତି କ୍ରମେ ସଚିବ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ବିରୁଦ୍ଧରେ ତା ୨୪.୭.୧୩ରିଖରେ ଥାନାରେ ମଧ୍ୟ ଏତଲା ଦେଇଛନ୍ତି ।

ଆଲୋଚନାରେ ଭାଗନେଇ ଅଧକ୍ଷା ମହୋଦୟା ବନ୍ଦରର ଏହିଭଳି କାର୍ଯ୍ୟକଳାପକୁ ନାପସନ୍ଦ କରିଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ଅଲାରନାଥ ରଣହାଦୋଳ ପାରିଷଦ ୱାର୍ଡ ନଂ ୯ ଓ ଶ୍ରୀମତୀ ଚପଳା ସ୍ୱାଇଁ ପାରିଷଦ ୱାର୍ଡ ନଂ ୧୦ ପ୍ରକାଶ କରିଥିଲେ ଯେ, ବାଲିଝରା ବସ୍ତିରେ ବହୁ ବସ୍ତି ବାସିନ୍ଦା ରହୁଥିବାରୁ ସେମାନଙ୍କର ଆବଶ୍ୟକତା ଦୃଷ୍ଟିରୁ ଏହି କାର୍ଯ୍ୟାଦେଶ (ଗୋଷ୍ଠି ଉନ୍ନୟନ କେନ୍ଦ୍ର ପାଇଁ) ଦିଆଯାଇ ଅଛି । ତେଣୁ ଓଡ଼ିଶା ପ୍ରଶାସନିକ ସେବାର ଜଣେ ବରିଷ୍ଠ ଅଧିକାରୀଙ୍କ ପ୍ରତି ବନ୍ଦର କର୍ତ୍ତୃପକ୍ଷଙ୍କ ଏଭଳି ବ୍ୟବହାର ଆଦୌ ସମିଚୀନ ନୁହେଁ । ବୈଠକରେ ଏହି ସମସ୍ତ ବିଷୟ ଉପରେ ଆଲୋଚନା ପରେ ଏ ସମ୍ବନ୍ଧରେ ନିନ୍ଦା ପ୍ରସ୍ତାବ ଗୃହିତ ହୋଇଥିଲା । ଏହି ସମସ୍ତ ବିଷୟକୁ ଅନୁଧ୍ୟାନ କରି ଅଧକ୍ଷାଙ୍କ ଅନୁମୋଦନ କ୍ରମେ ପରିଷଦ ତରଫରୁ ଉଚ୍ଚ ନ୍ୟାୟାଳୟରେ କ୍ୟାଭିଏଟ ଫାଇଲ କରାଯାଇଥିବା ବିଷୟ ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ । ପରିଷଦ ଏହା ଅନୁମୋଦନ କରିବା ସଙ୍ଗେ ସଙ୍ଗେ ଉଚ୍ଚ ନ୍ୟାୟାଳୟରେ ଏହି ମକଦ୍ଦମା ଲଢିବା ପାଇଁ ଓକିଲ ନିଯୁକ୍ତି ଏବଂ ଏ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ପୌର ପରିଷଦରୁ ଭରଣା କରିବା ପାଇଁ ଅନୁମୋଦନ କରି ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ ।

୩. ଅନ୍ୟାନ୍ୟ (ଅଧକ୍ଷାଙ୍କ ଅନୁମୋଦନ କ୍ରମେ ।)

କ) ତା ୨୨.୦୧.୨୦୦୮ରିଖ ପରିଷଦର ଅନୁମୋଦନ କ୍ରମେ ଗୃହ ନିର୍ମାଣ ବିଭାଗ ପତ୍ର ସଂଖ୍ୟା ୧୭୭୬୨ ତା ୨୪.୫.୧୩ ରିଖ ଅନୁଯାୟୀ ମାର୍କେଟ ସୁପରଭାଇଜର ପଦବୀ ପୂରଣ ନିମନ୍ତେ ନିର୍ଦ୍ଦେଶ ଆସିଥିଲା । ତଦନୁଯାୟୀ ତା ୩୦.୫.୧୩ ରିଖ ପରିଷଦର ନିଷ୍ପତ୍ତି ଅନୁଯାୟୀ ଚୟନ କମିଟି ତା ୧୮.୬.୧୩ରିଖରେ ଅଧକ୍ଷାଙ୍କ ଅଧକ୍ଷତାରେ ବସିଥିଲା । ଓଡିଶା ମ୍ୟୁନିସିପାଲ ଆକ୍ଟରେ ପ୍ରାର୍ଥି ଚୟନ ପାଇଁ କୌଣସି ନିର୍ଦ୍ଦିଷ୍ଟ ନିୟମାବଳି ନଥିବା କମିଟି ହୃଦୟଙ୍ଗମ କରିଥିଲା । ଶ୍ରୀ ସୁକାନ୍ତ ଚନ୍ଦ୍ର ଦାସ ସ୍ନାତକ ଡିଗ୍ରୀଧାରୀ ପ୍ରାର୍ଥୀ ଅଟନ୍ତି । ଶ୍ରୀ ଦାସ ନିରବଛନ୍ନ ଭାବେ ୧୯୯୬ ମସିହାରୁ ବଜାର ପରିଦର୍ଶକ ଭାବେ ଏବଂ ୨୦୦୯ ମସିହାରୁ ପରିମଳ ବିଭାଗର ଅତିରିକ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସୁଛନ୍ତି । କମିଟିରେ ଏ ସମସ୍ତ ବିଷୟ ଦୀର୍ଘ ଆଲୋଚନା ପରେ ଶ୍ରୀ ସୁକାନ୍ତ ଚନ୍ଦ୍ର ଦାସଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସରକାରଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । କମିଟିର ଏହି ନିଷ୍ପତ୍ତିକୁ ପରିଷଦ ଅନୁମୋଦନ କରିଥିଲା ।

(ଖ) ବିଜୁ ମେମୋରିଆଲ ହାସପାତାଳର ଅଫିସର ଇନ୍ ଚାର୍ଜ ବାଇଓ ମେଡିକାଲ ମ୍ୟାନେଜ ମେଣ୍ଟ ପାଇଁ

କିଛି ସରଞ୍ଜାମ ଯଥା- ପ୍ଲାଷ୍ଟିକ ବାଲ୍‌ଟି- ୭୦ଟି (ବିଭିନ୍ନ ରଙ୍ଗର), ପ୍ଲାଷ୍ଟିକ ପଲଥିନ୍ ବ୍ୟାଗ ( ୫୦ କେ.ଜି ଧରିଲା ଭଳି) ବିଭିନ୍ନ ରଙ୍ଗର ୫୦୦୦ ଏବଂ ସିରିଞ୍ଜ ଓ ନିଡିଲ ନଷ୍ଟ କରିବା ଯନ୍ତ୍ର ଦଶଟି କ୍ରୟ କରି ହାସପାତାଳକୁ ଯୋଗାଇ ଦେବା ପାଇଁ ଚିଠି ସଂଖ୍ୟା ୨୨୧ ତା ୩୦.୨.୧୨ ରିଖରେ ଦରଖାସ୍ତ କରିଛନ୍ତି । ଏହା ଉପରେ ଆଲୋଚନା କରାଯାଇ ଏ ସମସ୍ତ ଜିନିଷ କ୍ରୟ ବାବଦକୁ ଆବଶ୍ୟକ ଅର୍ଥ ପୌର ପାଣ୍ଠିରୁ କ୍ରୟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

ପରିଶେଷରେ ଅଧ୍ୟକ୍ଷା ତଥା ସମସ୍ତ ପାରିଷଦଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଗଲା ।

ଅଧ୍ୟକ୍ଷା,
ପାରାଦ୍ୱୀପ ପୌର ପରିଷଦ

ଜ୍ଞାପକ ସଂଖ୍ୟା ୪୨୩୧(୭୦)/ ତା ୦୧-୦୮-୧୩/ରିଖ

ଏହାର ଏକକିତା ନକଲ ଉପାଧ୍ୟକ୍ଷ/ ମାନ୍ୟବାର ସାଂସଦ ଜଗତସିଂହପୁରଙ୍କ ପ୍ରତିନିଧି/ମାନ୍ୟବର ବିଧାୟକ, ପାରାଦ୍ୱୀପଙ୍କ ପ୍ରତିନିଧି / ସମସ୍ତ ପାରିଷଦଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌର ପରିଷଦ

ଜ୍ଞାପକ ସଂଖ୍ୟା ୪୨୩୨(୩)/ ତା ୦୧-୦୮-୧୩/ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ଜଗତ୍‌ସିଂହପୁର / ରାଜସ୍ୱ କମିସନର, କେନ୍ଦ୍ରାଞ୍ଚଳ, କଟକ / ନିର୍ଦ୍ଦେଶକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌରପରିଷଦ